# Virtual meeting between Minister of State for External Affairs and Vice Minister of Foreign Affairs of Indonesia

June 10, 2021

## ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଏବଂ ଇଣ୍ଡୋନେସିଆର ବୈଦେଶିକ ବ୍ୟାପାର ଉପମନ୍ତ୍ରୀଙ୍କ ମଧ୍ୟରେ ଭର୍ଚୁଆଲ୍ ବୈଠକ

ଜୁନ 10, 2021

ବୈଦେଶିକ ବ୍ୟାପାର ଏବଂ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭି ମୁରଲୀଧରନ୍ ଇଣ୍ଡୋନେସିଆର ବୈଦେଶିକ ବ୍ୟାପାର ଉପମନ୍ତ୍ରୀ ମାନ୍ୟବର ମହେନ୍ଦ୍ର ସିରେଗରଙ୍କ ସହିତ 10 ଜୁନ 2021ରେ ଭର୍ଚୁଆଲ୍ ଉପାୟରେ ଏକ ବୈଠକ କରିଥିଲେ। କୋଭିଡ19 ମହାମାରୀର ମୁକାବିଲା ନିମନ୍ତେ ଭାରତକୁ ପଠାଯାଇଥିବା ରିଲିଫ ସାମଗ୍ରୀ ପାଇଁ ରାଷ୍ଟ୍ରମନ୍ତ୍ରୀ ଇଣ୍ଡୋନେସିଆ ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ।

ଏହି ବୈଠକରେ ଉଭୟ ନେତା ଭାରତ-ଇଣ୍ଡୋନେସିଆ ଦ୍ୱିପାକ୍ଷିକ ସମ୍ପର୍କର ବିଭିନ୍ନ ଦିଗ ଉପରେ ସମୀକ୍ଷା କରିଥିଲେ। ସେମାନେ ଆଞ୍ଚଳିକ ପ୍ରସଙ୍ଗରେ ଏବଂ ବହୁପକ୍ଷୀୟ ମଞ୍ଚରେ ସହଯୋଗ ଉପରେ ମଧ୍ୟ ଆଲୋଚନା କରିଥିଲେ। ଭାରତ-ଇଣ୍ଡୋନେସିଆ ମଧ୍ୟରେ ବିସ୍ତୃତ ରଣନୀତିକ ଭାଗିଦାରୀକୁ ଆହୁରି ମଜବୁତ କରିବାକୁ ଉଭୟ ନେତା ପ୍ରତିବଦ୍ଧତା ପ୍ରକାଶ କରିଥିଲେ।

**ନୂଆଦିଲ୍ଲୀ**

**ଜୁନ 10, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.